ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ ( ଭାଗ – ୫ )

108 Upanishad ( Vol – 5 )


ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଉପଦେଷ୍ଟା

ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା**' ଓ '**ବ୍ରହ୍ମବିଦ୍ୟା**' ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଇଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋଗ୍ ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଳିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ୱେତାଶ୍ବତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ବତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତ୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ବ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଳ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ୟାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଳ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସମୁଦାୟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଇଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**

**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**

**ସଂପାଦକ**

ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ଯୋଗ ଉପନିଷଦ

(Yoga Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# କ୍ଷୁରିକା ଉପନିଷଦ

(Kshurikopanisat / Kshurikaa Upanishad)


**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan


**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia


**ଶୁଦ୍ଧିକରଣ (**Proofreading by)

ଶ୍ରୀ ତରଣୀସେନ ମେହେର



## ଶ୍ରୀ ପ୍ରକାଶ ପ୍ରଧାନ

ସଂପାଦକ

prakash@scholarshoppe.com

## ଶୁଦ୍ଧିକରଣ



## ଶ୍ରୀ ତରଣୀସେନ ମେହେର

ବଲାଙ୍ଗୀର, ଓଡ଼ିଶା,

mehertaranisen1@gmail.com

# କ୍ଷୁରିକୋପନିଷତ୍ / କ୍ଷୁରିକା ଉପନିଷଦ

## ।। ଅଥ କ୍ଷୁରିକୋପନିଷତ୍ ।।

କୈବଲ୍ୟନାଡୀକାନ୍ତସ୍ଥପରାଭୂମିନିବାସିନମ୍ ।
କ୍ଷୁରିକୋପନିଷଦ୍ୟୋଗଭାସୁରଂ ରାମମାଶ୍ରୟେ ।।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ଓଁ କ୍ଷୁରିକାଂ ସଂପ୍ରବକ୍ଷ୍ୟାମି ଧାରଣାଂ ଯୋଗସିଦ୍ଧୟେ ।
ୟାଂ ପ୍ରାପ୍ୟ ନ ପୁନର୍ଜନ୍ମ ଯୋଗଯୁକ୍ତଃ ସ ଜାୟତେ ।।
ବେଦତତ୍ତ୍ୱାର୍ଥବିହିତଂ ୟଥୋକ୍ତଂ ହି ସ୍ୱୟଂଭୁବା ।। ୧ ।।

ନିଃଶବ୍ଦଂ ଦେଶମାସ୍ଥାୟ ତତ୍ରାସନମବସ୍ଥିତଃ ।
କୂର୍ମୋଽଙ୍ଗାନୀବ ସଂହୃତ୍ୟ ମନୋ ହୃଦି ନିରୁଧ୍ୟ ଚ ।। ୨ ।।

ମାତ୍ରାଦ୍ୱାଦଶଯୋଗେନ ପ୍ରଣବେନ ଶନୈଃ ଶନୈଃ ।
ପୂରୟେତ୍ସର୍ବମାତ୍ମାନଂ ସର୍ବଦ୍ୱାରାନ୍ନିରୁଧ୍ୟ ଚ ।। ୩ ।।

ଉରୋମୁଖକଟିଗ୍ରୀବଂ କିଂଚିଦ୍ଧୃଦୟମୁନ୍ନତମ୍ ।
ପ୍ରାଣାନ୍ସଂଚାରୟେତ୍ତସ୍ମିନ୍ନାସାଭ୍ୟନ୍ତରଚାରିଣଃ ।। ୪ ।।

ଭୂତ୍ୱା ତତ୍ର ଗତଃ ପ୍ରାଣଃ ଶନୈରଥ ସମୁତ୍ସୃଜେତ୍ ।। ୫ ।।

Not For Commercial Use

ସ୍ଥିରମାତ୍ରାଦୃଢଂ କୃତ୍ୱା ଅଙ୍ଗୁଷ୍ଠେନ ସମାହିତଃ ।
ଦ୍ୱେ ତୁ ଗୁଲ୍ଫେ ପ୍ରକୁର୍ବୀତ ଜଙ୍ଘେ ଚୈବ ତ୍ରୟସ୍ତ୍ରୟଃ ।।
ଦ୍ୱେ ଜାନୁନୀ ତଥୋରୁଭ୍ୟାଂ ଗୁଦେ ଶିଶ୍ନେ ତ୍ରୟସ୍ତ୍ରୟଃ ।। ୬ ।।

ବାୟୋରାୟତନଂ ଚାତ୍ର ନାଭିଦେଶେ ସମାଶ୍ରୟେତ୍ ।
ତତ୍ର ନାଡୀ ସୁଷୁମ୍ନା ତୁ ନାଡୀଭିର୍ବହୁଭିର୍ବୃତା ।।
ଅଣୁରକ୍ତାଶ୍ଚ ପୀତାଶ୍ଚ କୃଷ୍ଣାସ୍ତାମ୍ରବିଲୋହିତାଃ ।। ୭ ।।

ଅତିସୂକ୍ଷ୍ମାଂ ଚ ତନ୍ୱୀଂ ଚ ଶୁକ୍ଲାଂ ନାଡୀଂ ସମାଶ୍ରୟେତ୍ ।
ତତଃ ସଂଚାରୟେତ୍-ପ୍ରାଣାନୂର୍ଣ୍ଣନାଭୀବ ତନ୍ତୁନା ।। ୮ ।।

ତତୋ ରକ୍ତୋତ୍ପଲାଭାସଂ ପୁରୁଷାୟତନଂ ମହତ୍ ।
ଦହରଂ ପୁଣ୍ଡରୀକେତି ବେଦାନ୍ତେଷୁ ନିଗଦ୍ୟତେ ।।
ତଦ୍-ଭିତ୍ତ୍ୱା କଣ୍ଠମାୟାତି ତାଂ ନାଡୀଂ ପୂରୟନ୍ୟତଃ ।। ୯ ।।

ମନସସ୍ତୁ କ୍ଷୁରଂ ଗୃହ୍ୟ ସୁତୀକ୍ଷ୍ଣଂ ବୁଦ୍ଧିନିର୍ମଲମ୍ ।
ପାଦସ୍ୟୋପରି ମର୍ମଜ୍ଞ୍ୟ ତଦ୍ରୂପଂ ନାମ କୃନ୍ତୟେତ୍ ।। ୧୦ ।।

ମନୋଦ୍ୱାରେଣ ତୀକ୍ଷ୍ଣେନ ଯୋଗମାଶ୍ରିତ୍ୟ ନିତ୍ୟଶଃ ।
ଇନ୍ଦ୍ରବଜ୍ର ଇତି ପ୍ରୋକ୍ତଂ ମର୍ମଜଙ୍ଘାନୁକୀର୍ତନମ୍ ।।
ତଦ୍ଧ୍ୟାନବଲଯୋଗେନ ଧାରଣାଭିର୍ନିକୃନ୍ତୟେତ୍ ।। ୧୧ ।।

ଊରୋର୍ମଧ୍ୟେ ତୁ ସଂସ୍ଥାପ୍ୟ ମର୍ମପ୍ରାଣବିମୋଚନମ୍ ।
ଚତୁରଭ୍ୟାସଯୋଗେନ ଛିନ୍ଦେଦନଭିଶଙ୍କିତଃ ।। ୧୨ ।।

ତତଃ କଣ୍ଠାନ୍ତରେ ଯୋଗୀ ସମୂହଂ ନାଡିସଂଚୟମ୍ ।
ଏକୋତ୍ତରଂ ନାଡିଶତଂ ତାସାଂ ମଧ୍ୟେ ବରାଃ ସ୍ମୃତାଃ ।। ୧୩ ।।

Not For Commercial Use

ଇଡା ରକ୍ଷତୁ ବାମେନ ପିଙ୍ଗଲା ଦକ୍ଷିଣେନ ତୁ ।
ତୟୋର୍ମଧ୍ୟେ ବରଂ ସ୍ଥାନଂ ୟସ୍ତଂ ବେଦ ସ ବେଦବିତ୍ ।। ୧୪ ।।

ସୁଷୁମ୍ନା ତୁ ପରେ ଲୀନା ବିରଜା ବ୍ରହ୍ମରୂପିଣୀ ।
ଦ୍ୱାସପ୍ତତିସହସ୍ରାଣି ପ୍ରତି ନାଡୀଷୁ ତୈତିଲମ୍ ।।
ଛିଦ୍ୟନ୍ତେ ଧ୍ୟାନୟୋଗେନ ସୁଷୁମ୍ନୈକା ନ ଛିଦ୍ୟତେ ।। ୧୫ ।।

ୟୋଗନିର୍ମଲଧାରେଣ କ୍ଷୁରେଣାମଲବର୍ଚସା ।
ଛିନ୍ଦେନ୍ନାଡୀଶତଂ ଧୀରଃ ପ୍ରଭାବାଦିହ ଜନ୍ମନି ।। ୧୬ ।।

ଜାତୀପୁଷ୍ପସମାୟୋଗୈର୍ୟଥା ବାସ୍ୟନ୍ତି ତୈତିଲମ୍ ।
ଏବଂ ଶୁଭାଶୁଭୈର୍ଭାବୈଃ ସା ନାଡୀ ତାଂ ବିଭାବୟେତ୍ ।। ୧୭ ।।

ତଦ୍-ଭାବିତାଃ ପ୍ରପଦ୍ୟନ୍ତେ ପୁନର୍ଜନ୍ମବିବାର୍ଜିତାଃ ।। ୧୮ ।।

ତତୋ ବିଦିତଚିତ୍ତସ୍ତୁ ନିଃଶବ୍ଦଂ ଦେଶମାସ୍ଥିତଃ ।
ନିଃସଙ୍ଗସ୍ତତ୍ତ୍ୱୟୋଗଜ୍ଞୋ ନିରପେକ୍ଷଃ ଶନୈଃ ଶନୈଃ ।। ୧୯ ।।

ପାଶଂ ଛିତ୍ତ୍ୱା ୟଥା ହଂସୋ ନିର୍ବିଶଙ୍କଃ ଖମୁତ୍କ୍ରମେତ୍ ।
ଛିନ୍ନପାଶସ୍ତଥା ଜୀବଃ ସଂସାରଂ ତରତେ ସଦା ।। ୨୦ ।।

ୟଥା ନିର୍ବାଣକାଲେ ତୁ ଦୀପୋ ଦଗ୍ଧ୍ୱା ଲୟଂ ବ୍ରଜେତ୍ ।
ତଥା ସର୍ବାଣି କର୍ମାଣି ୟୋଗୀ ଦଗ୍ଧ୍ୱା ଲୟଂ ବ୍ରଜେତ୍ ।। ୨୧ ।।

ପ୍ରାଣାୟାମସୁତୀକ୍ଷ୍ଣେନ ମାତ୍ରାଧାରେଣ ୟୋଗବିତ୍ ।
ବୈରାଗ୍ୟୋପଲଘୃଷ୍ଟେନ ଛିତ୍ତ୍ୱା ତନ୍ତୁଂ ନ ବଧ୍ୟତେ ।। ୨୨ ।।



Not For Commercial Use

ଅମୃତତ୍ୱଂ ସମାପ୍ନୋତି ଯଦା କାମାତ୍-ପ୍ରମୁଚ୍ୟତେ ।
ସର୍ବେଷଣାବିନିର୍ମୁକ୍ତଶ୍ଛିତ୍ତ୍ୱା ତନ୍ତୁଂ ନ ବଧ୍ୟତେ ଛିତ୍ୱା ତନ୍ତୁଂ ନ ବଧ୍ୟତ ଇତି ।। ୨୩ ।।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

## ।। ଇତି କ୍ଷୁରିକୋପନିଷତ୍ସମାପ୍ତା ।।

Not For Commercial Use